# ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀ ପ୍ରତି 'ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳ'ଙ୍କ ସୂଚିନ୍ତିତ ମୂଲ୍ୟାୟନ ଓ ସୁପାରିସ ରିପୋର୍ଟ ।

(ଖୋର୍ଦ୍ଧା ଜିଲ୍ଲାର ଜଟଣୀ ତହସିଲ ଅନ୍ତର୍ଗତ କୁଦିଆରୀ ଗ୍ରାମରେ ସଡକ ଝୁଲାସେତୁ ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ ସମ୍ପର୍କେ )

## ବୈଧାନୀକ ବ୍ୟବସ୍ଥା

ଜଟଣୀ ପୌରପାଳିକା ଅନ୍ତର୍ଗତ କୁଦିଆରୀ ଗ୍ରାମରେ ସଡକ ଝୁଲାସେତୁ ନିର୍ମାଣ ନିମନ୍ତେ ଖୋର୍ଦ୍ଧା ଜିଲ୍ଲାର ଜଟଣୀ ତହସିଲ ଅନ୍ତର୍ଗତ ମୌଜା- କୁଦିଆରୀ ରୁ ଏ. ୦.୧୨୩ ଡିସିମିଲ ପରିମିତ ବେସରକାରୀ ଜମି ଅଧିଗ୍ରହଣ ନିମନ୍ତେ ନିର୍ବାହୀ ଯନ୍ତ୍ରୀ,(ରାସ୍ତା ଓ ଗୃହ), ଖୋର୍ଦ୍ଧା ଙ୍କ ଠାରୁ ପ୍ରସ୍ତାବ ପ୍ରାପ୍ତ ହେବା ପରେ ତତ ସମ୍ପର୍କେ "ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂମି ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩" ର ଧାରା ୪ ଅନୁଯାୟୀ ଆବଶ୍ୟକ ହେଉଥିବା ସାମାଜିକ-ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ କରିବା ପାଇଁ ନିମ୍ନ ମତେ ଅଧିସୂଚନା ମାନ ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ପ୍ରକାଶନ ହୋଇଅଛି ।

## ଅଧିସୂଚନା

| କ୍ରମିକ ନଂ | ତହସିଲ | ଗ୍ରାମ | ପ୍ରସ୍ତାବିତ ଅଧିଗ୍ରହଣ ଜମି | ଅଧିସୂଚନା ସଂଖ୍ୟା ଓ ତାରିଖ |
|---|---|---|---|---|
| ୧ | ଜଟଣୀ | କୁଦିଆରୀ | ଏ. ୦.୧୨୩ | ୨୪୯୫୮ / ରାବିପ ତା ୨୦.୦୮.୨୦୨୦ ରିଖ |

## ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ

ଉକ୍ତ ଅଧିସୂଚନା ମତେ "ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ" ର ଭାର ରାଜ୍ୟ ସର୍ବେକ୍ଷଣ ଅନୁଷ୍ଠାନ ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର ଡେଭଲପମେଣ୍ଟ ଷ୍ଟଡିଜ (ଏନ.ସି.ଡି.ଏସ) ଭୁବନେଶ୍ୱରକୁ ହସ୍ତାନ୍ତର କରାଯାଇଥିଲା । ପରେ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର 'ନିର୍ଦ୍ଦେଶ' ନାମକ ସ୍ୱାଧୀନ ଗବେଷଣା ସଂସ୍ଥାକୁ ଉକ୍ତ କାର୍ଯ୍ୟ ସମ୍ପାଦନ କରିବାର ଦାୟିତ୍ୱ ପ୍ରଦାନ କରିଥିଲେ ।

ଏହି ସର୍ବେକ୍ଷଣ ସଂସ୍ଥା ଆଇନର ଆବଶ୍ୟକତା ଅନୁସାରେ ସର୍ବେକ୍ଷଣ ମାଧ୍ୟମରେ ସର୍ଭେ କରି ପ୍ରକଳ୍ପ ପ୍ରଭାବିତ ପରିବାର, ପ୍ରକଳ୍ପ ପ୍ରଭାବିତ ଜନସଂଖ୍ୟା, ସାମାଜିକ ବିବରଣୀ, ପରିବାରର ସମ୍ପୂର୍ଣ୍ଣ ବିବରଣୀ, ଜୀବିକା, ଆୟର ପନ୍ଥା, ପରିବାରର ମୋଟ ବ୍ୟୟ, ପ୍ରଭାବିତ ହେବାକୁ ଥିବା କୋଠାବାଡି, ବ୍ୟବସାୟିକ ବା ଆତ୍ମ ନିଯୁକ୍ତି ଭିତ୍ତିକ କାର୍ଯ୍ୟପନ୍ଥା ନିଯୁକ୍ତିର ପ୍ରଣାଳୀ ପ୍ରଭୃତି ସାକ୍ଷାତକାର ସୂଚିରେ ଏକ ପୂର୍ଣ୍ଣାଙ୍ଗ ବିବରଣୀ ପ୍ରସ୍ତୁତ

Scanned with CamScanner

କରିଛନ୍ତି । ଉକ୍ତ ବିବରଣୀ ଆଧାରରେ ଆବଶ୍ୟକ ଅନୁଯାୟୀ ଏକ "ସାମାଜିକ ପ୍ରଭାବ ପରିଚାଳନା ଯୋଜନା (SIMP) ମଧ୍ୟ ପ୍ରସ୍ତୁତ କରିଛନ୍ତି ।

**ଜନଶୁଣାଣି (ଧାରା-୫)**

"ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂମି ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩" ଧାରା ୫ ଅନୁସାରେ ପ୍ରଭାବିତ ଅଞ୍ଚଳ ରେ ସ୍ଥାନ, ତାରିଖ ଓ ସମୟ ସଂକ୍ରାନ୍ତରେ ସର୍ବସାଧାରଣଙ୍କୁ ଯଥେଷ୍ଟ ପୂର୍ବରୁ ଜଣାଇଦିଆଯାଇଥିଲା ।

ଆୟୋଜିତ ଜନଶୁଣାଣି କାର୍ଯ୍ୟ ପଞ୍ଚାୟତ ସମିତି, ଜଟଣୀ ସଭାଗୃହରେ ସମାପନ ହୋଇଥିଲା । ଉକ୍ତ ଜନଶୁଣାଣି ର ବିଷଦ ବିବରଣୀ ଚୂଡାନ୍ତ ସର୍ବେକ୍ଷଣ ବିବରଣୀରେ ବର୍ଣ୍ଣିତ ହୋଇଅଛି ।

ଜନଶୁଣାଣି ସମୟରେ କ୍ଷତିଗ୍ରସ୍ତ ପରିବାର ତଥା ଗ୍ରାମବାସୀ ମାନେ ଯୋଗଦେଇ ପ୍ରଶ୍ନୋତ୍ତର ମାଧ୍ୟମରେ ନିଜ ନିଜର ସନ୍ଦେହ ମୋଚନ କରିଥିଲେ ।ଏଥିରେ ଶ୍ରୀମତୀ ରଶ୍ମିତା ରାଣୀ ତରାସିଆ, ଭୂ- ଅର୍ଜନ ଅଧିକାରୀ, ଖୋର୍ଦ୍ଧା ମହାଶୟା ପୌରହିତ୍ୟ କରିଥିଲେ ଏବଂ ନିମ୍ନ ଲିଖିତ ସଦସ୍ୟ ଓ ବିଭାଗୀୟ ଅଧିକାରୀଗଣ ଉପସ୍ଥିତ ଥିଲେ ।

୧. ଶ୍ରୀଯୁକ୍ତ ଦେବବ୍ରତ ସାହୁ , ଉପ ଜିଲ୍ଲାପାଳ , ଭୁବନେଶ୍ୱର
୨. ଶ୍ରୀଯୁକ୍ତ ତପନ କୁମାର ମହାପାତ୍ର, ତହସିଲଦାର, ଜଟଣୀ
୩. ଶ୍ରୀଯୁକ୍ତ ଦିଲ୍ଲୀପ କୁମାର ମହାନ୍ତି , କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜଟଣୀ ପୌରପରିଷଦ
୪ . ଶ୍ରୀଯୁକ୍ତ ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ, ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରି,(ରାସ୍ତା ଓ ଗୃହ ), ଖୋର୍ଦ୍ଧା
୪. ଶ୍ରୀଯୁକ୍ତ ଗିରିଧାରୀ ପଟ୍ଟନାୟକ, ନିର୍ଦ୍ଦେଶକ, ନିର୍ଦ୍ଦେଶ
୫ . ଶ୍ରୀଯୁକ୍ତ ରାଜେନ୍ଦ୍ର ପ୍ରସାଦ ପାତ୍ର, ସଂଯୋଜକ, ନିର୍ଦ୍ଦେଶ
୬ . ଶ୍ରୀଯୁକ୍ତ ହେମନ୍ତ କୁମାର ନାୟକ, କ୍ଷେତ୍ର ପର୍ଯ୍ୟବେକ୍ଷକ, ନିର୍ଦ୍ଦେଶ

ଏତଦବ୍ୟତୀତ, ଜମି ହରାଉଥିବା ପରିବାର ଓ କୁଦିଆରୀ ଗ୍ରାମର ଅନ୍ୟ ଅଧିବାସୀ ମାନେ ଶୁଣାଣି ରେ ଅଂଶଗ୍ରହଣ କରିଥିଲେ ।

ଭୂ-ଅର୍ଜନ ଅଧିକାରୀ ଶ୍ରୀମତୀ ରଶ୍ମିତା ରାଣୀ ତରାସିଆ ନିଜର ପରିଚୟ ପ୍ରଦାନ କଲାପରେ ମଞ୍ଚ ଉପରେ ଉପସ୍ଥିତ ସମସ୍ତ ଅଧିକାରୀଙ୍କ ପରିଚୟ ପ୍ରଦାନ କରିଥିଲେ । ଏହାପରେ କ୍ଷତିଗ୍ରସ୍ତ ପ୍ରଜା ମାନଙ୍କର ନାମ ଧାମ, ଅଧିଗ୍ରହଣ ହେବାକୁ ଥିବା ଜମିର ପରିମାଣ ଓ ଉକ୍ତ ଜନଶୁଣାଣିର ଉଦ୍ଦେଶ୍ୟ ସମ୍ବନ୍ଧରେ ମତବ୍ୟକ୍ତ କରିଥିଲେ । ସଭାରେ ଉପସ୍ଥିତ ସମସ୍ତ ଅଧିକାରୀବୃନ୍ଦ ଏବଂ ଜମି ହରାଉଥିବା ଜମିମାଲିକଙ୍କୁ ଚିଠା ବିବରଣୀ ସାରାଂଶର ଏକ ନକଲ ବଣ୍ଟା ଯାଇଥିଲା । ସେ ତାଙ୍କର ବକ୍ତବ୍ୟରେ ଅଧିଗ୍ରହଣର ଆଇନଗତ ଉପଯୋଗୀତା ତଥା ଅଧିଗ୍ରହଣ ମାଧ୍ୟମରେ ପରିତୃପ୍ତିର ଆକାର ନିର୍ଦ୍ଧାରଣ ତଥା ତାର ମାନ ବିଷୟରେ ବିଶେଷ ଭାବେ

Scanned with CamScanner

ଉଲ୍ଲେଖ କରିଥିଲେ । ସେ ମନ୍ତବ୍ୟ ଦେଲେ ଯେ ନୂତନ ଜମି ଅଧିଗ୍ରହଣ ଆଇନ ଦ୍ଵାରା ପ୍ରସ୍ତାବିତ ନିୟମ ଅନୁଯାୟୀ ଜମି ଅଧିଗ୍ରହଣ ହେବା ସହ ଆଡମିନଷ୍ଟ୍ରେଟର, ଜଗନ୍ନାଥ ମନ୍ଦିର ପରିଚାଳନା କମିଟି, ପୁରୀ ଙ୍କ ପରାମର୍ଶ କ୍ରମେ ଉପଯୁକ୍ତ ତଦନ୍ତ ଆଧାର ରେ କ୍ଷୟତିଗ୍ରସ୍ତ ମାଲିକ ମାନଙ୍କୁ ପ୍ରଚଳିତ ଆଇନ ର ବ୍ୟବସ୍ଥା ଅନୁଯାୟୀ ପ୍ରକୃତ କ୍ଷତିପୂରଣ ଦିଆଯିବ । ଏହା ପରେ ଉପସ୍ଥିତ ସହକାରୀ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରକଳ୍ପ ର ଆବଶ୍ୟକତା ଓ ଗୁରୁତ୍ଵ ତଥା ପ୍ରସ୍ତାବିତ ରୋଡ ଓଭର ବ୍ରିଜ ର ରୂପରେଖ ଏବଂ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟତଃ ବର୍ଷ ବର୍ଷ ଧରି ଭୂତଳ ରାସ୍ତାର ସମସ୍ୟାର ଦୂରୀକରଣ ସହ କୁଦିଆରୀ ଅଞ୍ଚଳରେ ଯାତ୍ରୀ ଓ ଯାନବାହାନ ର ଯାତାୟାତ କୁ ସୁଗମ କରିବା ସହିତ ଯାନବାହାନ ଭିଡ ହ୍ରାସ ନିମନ୍ତେ ଉକ୍ତ ପ୍ରକଳ୍ପ ର ଭୂମିକା ସମ୍ବନ୍ଧରେ ଉପସ୍ଥିତ ପ୍ରଜା ମାନଙ୍କୁ ଅବଗତ କରାଇଥିଲେ ।

ଜନଶୁଣାଣି ରେ ଉପସ୍ଥିତ ଥିବା ଜମି ମାଲିକ ମାନେ ଉକ୍ତ ପ୍ରକଳ୍ପର ନିର୍ମାଣ ଓ ସ୍ଥାନୀୟ ସମସ୍ୟା ଉପରେ ମନ୍ତବ୍ୟ ରଖିଥିଲେ ଯାହା କି ଜନଶୁଣାଣି ବିବରଣୀ ରେ ବର୍ଣ୍ଣନା କରାଯାଇଅଛି । ଭୂ-ଅର୍ଜନ ଅଧିକାରୀ ଗ୍ରାମବାସୀ ମାନଙ୍କ ଠାରୁ ସମସ୍ତ ଆପତ୍ତି ଅଭିଯୋଗ ଶୁଣିବା ପରେ ଜମି ଅଧିଗ୍ରହଣ ର ସମସ୍ତ ବ୍ୟବସ୍ଥା, ପ୍ରଚଳିତ ଆଇନ କାନୁନ ଏବଂ ଜମି ହରାଉଥିବା ପରିବାର କିପରି ସୁବିଧାରେ ଉପଯୁକ୍ତ କ୍ଷତି ପୂରଣ ରାଶୀ ପାଇପାରିବେ ସେ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିବା ସହ ଏଥିପାଇଁ ସରକାରୀ ନୀତି ନିୟମ ଭିତରେ ରହି ଯଥା ସମ୍ଭବ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ।

ଶେଷରେ ଉପସ୍ଥିତ ସମସ୍ତ ଅଧିକାରୀ ଓ ଗ୍ରାମବାସୀ ମାନଙ୍କୁ ଧନ୍ୟବାଦ ଅର୍ପଣ ପୂର୍ବକ ସଭାସାଙ୍ଗ କରଯାଇଥିଲା ।

**ପ୍ରକାଶନ (ଧାରା-୬)**

ପ୍ରଭାବିତ ଗ୍ରାମରେ ଜନଶୁଣାଣି ପରେ ପ୍ରାପ୍ତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଏବଂ "ସାମାଜିକ ପ୍ରଭାବ ପରିଚାଳନା ଯୋଜନା" ବିବରଣୀକୁ ଆଇନ ଧାରା ୬ ମତେ ବିଧିବଦ୍ଧ ଭାବେ ପ୍ରକାଶନ କରାଯାଇଥିଲା ।

**ଆଇନର ଧାରା ୭ ଉପଧାରା ୧ ଅନୁସାରେ "ସ୍ଵତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ଦ୍ଵାରା ଚୁଡାନ୍ତ ସାମାଜିକ ପ୍ରଭାବ ଆକଳନ ।**

<u>ଅଧ୍ୟୟନର ମୂଲ୍ୟାୟନ ଓ ସୁପାରିସ</u>

ସଠିକ କ୍ଷତି ପୂରଣ ଅଧିକାର ଏବଂ ଜମି ଅଧିଗ୍ରହଣ ସ୍ଵଚ୍ଛତା, ଥଇଥାନ ଓ ପୁନର୍ବାସ ଆଇନ ୨୦୧୩ ର ଧାରା ୭ ଉପଧାରା ୧ ଅନୁସାରେ ଗଠିତ ହୋଇଥିବା "ସ୍ଵତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ" ଦ୍ଵାରା ପୂର୍ବୋକ୍ତ

Scanned with CamScanner

ପ୍ରକାରେ ପ୍ରକାଶନ ହୋଇଥିବା ସାମାଜିକ ପ୍ରଭାବ ନିର୍ଦ୍ଧାରଣ ଚୁଡାନ୍ତ ରିପୋର୍ଟକୁ ଅନୁଧ୍ୟାନ କରିବା ପରେ ଏହାର ମୂଲ୍ୟାୟନ କରାଯାଇ ସରକାରଙ୍କ ନିକଟକୁ ଜଣାଇବାର ବ୍ୟବସ୍ଥା ରହିଅଛି ।

ତେଣୁ ଉକ୍ତ ଆଇନର ଧାରା ୭ ଉପଧାରା ୨ ମତେ ନିମ୍ନ ଦର୍ଶିତ ବ୍ୟକ୍ତି ବିଶେଷଙ୍କୁ ନେଇ 'ବିଶେଷଜ୍ଞ ଦଳ' ଗଠନ କରାଯାଇଅଛି ।

ସ୍ଵତନ୍ତ୍ର-ବହୁଦର୍ଶୀ ବିଶେଷ୍ୟଜ୍ଞ ଦଳ

୧. ଜିଲ୍ଲାପାଳ, ଖୋର୍ଦ୍ଧା
୨. ଅତିରିକ୍ତ ଜିଲ୍ଲାପାଳ(ରାଜସ୍ଵ ), ଖୋର୍ଦ୍ଧା
୨. ଶ୍ରୀମତୀ ରଶ୍ମିତା ରାଣୀ ତରାସିଆ (ବରିଷ୍ଠ), ଭୂ-ଅର୍ଜନ ଅଧିକାରୀ, ଖୋର୍ଦ୍ଧା
୩. ଉପ-ଜିଲ୍ଲାପାଳ, ଭୁବନେଶ୍ଵର
୪. ଶ୍ରୀଯୁକ୍ତ ବ୍ରଜ କିଶୋର ପଟ୍ଟନାୟକ, ଓ.ଏ.ଏସ (ଅବସରପ୍ରାପ୍ତ)
୫. ଶ୍ରୀଯୁକ୍ତ ଦୀପକ କୁମାର ପାଣିଗ୍ରାହୀ, କାର୍ଯ୍ୟ ନିର୍ବାହୀ ଯନ୍ତ୍ରି,(ରାସ୍ତା ଓ ଗୃହ ), ଖୋର୍ଦ୍ଧା
୬. ଶ୍ରୀଯୁକ୍ତ ତପନ କୁମାର ମହାପାତ୍ର, ତହସିଲଦାର, ଜଟଣୀ
୬. ଶ୍ରୀଯୁକ୍ତ ଦିଲ୍ଲୀପ କୁମାର ମହାନ୍ତି , କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜଟଣୀ ପୌରପରିଷଦ
୮. ପ୍ରକଳ୍ପ ବିଶେଷଜ୍ଞ

ଉପରୋକ୍ତ ବ୍ୟକ୍ତି ବିଶେଷ ମାନଙ୍କ ମଧ୍ୟରୁ ଶ୍ରୀଯୁକ୍ତ ବ୍ରଜ କିଶୋର ପଟ୍ଟନାୟକ, ଓ.ଏ.ଏସ (ଅବସରପ୍ରାପ୍ତ) ଙ୍କୁ ଅଧ୍ୟକ୍ଷ ରୂପେ ମନୋନୟନ କରାଗଲା ।

ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣର ମୂଲ୍ୟାୟନ ନିମନ୍ତେ ସମୀକ୍ଷା ବୈଠକ ।

ଆଇନର ଧାରା ୭ ଉପଧାରା ୧ ଅନୁସାରେ ପ୍ରକାଶନ ହୋଇଥିବା ଚୁଡାନ୍ତ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣର ମୂଲ୍ୟାୟନ ତଥା ସୁପାରିଶ ନିମନ୍ତେ ଗଠିତ ହୋଇଥିବା "ସ୍ଵତନ୍ତ୍ର-ବହୁଦର୍ଶୀ ବିଶେଷଜ୍ଞ ଦଳ" ଙ୍କ ଏକ ବୈଠକ ଆହ୍ଵାନ କରାଯାଇଥିଲା । ଉକ୍ତ ବୈଠକକୁ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟ ସୂଚି ମତେ ତା. ୨୪.୧୧.୨୦୨୦ ରିଖ ଅପରାହ୍ଣ ଘ. ୪.୦୦ ଣ୍ଟା ସମୟରେ ସଦଭାବନା ସଭାଗୃହ, କଲେକ୍ଟୋରେଟ, ଖୋର୍ଦ୍ଧା ଠାରେ ଅନୁଷ୍ଠିତ ହୋଇଥିଲା ।

ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ ରିପୋର୍ଟ ମୂଲ୍ୟାୟନ

ପ୍ରାପ୍ତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ବିବରଣୀକୁ ଅନୁଧ୍ୟାନ କରି ଉପସ୍ଥିତ ବିଶେଷଜ୍ଞ ଦଳ ସନ୍ତୋଷ ପ୍ରକାଶ କରିଥିଲେ ।ଏହି ପ୍ରକଳ୍ପ ନିମିତ୍ତ ଜମି ଅଧିଗ୍ରହିତ ହେବାର ଆବଶ୍ୟକତା କୁ ବିଶେଷଜ୍ଞ ଦଳ ହୃଦବୋଧ କରିଥିଲେ ।

Scanned with CamScanner

ଏହା ପରେ ଜନଶୁଣାଣିରେ ଉତ୍ଥାପିତ କେତେକ ବିଷୟ ପ୍ରତି ଦୃଷ୍ଟି ଆକର୍ଷଣ କରି ତାହାର ସମାଧାନ ନିମନ୍ତେ ନିମ୍ନ ମତେ ଆଲୋଚନା କରାଯାଇଥିଲା ।

କ୍ଷତିଗ୍ରସ୍ତ ଜମିର ସଠିକ ସରଜମିନ ମାପ ସହ ଯେହେତୁ ଉକ୍ତ ଜମି ଗୁଡିକ  ଜଗନ୍ନାଥ ମନ୍ଦିର ନାମରେ ରେକର୍ଡ ଅଛି, ତେଣୁ ଆଡମିନଷ୍ଟ୍ରେଟର, ଜଗନ୍ନାଥ ମନ୍ଦିର ପରିଚାଳନା କମିଟି, ପୁରୀ ଙ୍କ  ପରାମର୍ଶ କ୍ରମେ ଉପଯୁକ୍ତ  ତଦନ୍ତ ଆଧାର ରେ କ୍ଷତିଗ୍ରସ୍ତ ପ୍ରଜାମାନଙ୍କୁ ପ୍ରଚଳିତ ଆଇନ ର ବ୍ୟବସ୍ଥା ଅନୁଯାୟୀ ପ୍ରକୃତ କ୍ଷତିପୂରଣ ଦିଆଯିବା  ନିମନ୍ତେ ପ୍ରସ୍ତାବ ରଖାଗଲା ।

ଉକ୍ତ ଜମିର ବଜାର ଦର, ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ଆଇନ ଆଧାରରେ ସ୍ଥିର କରିବା ସହ  କ୍ଷତିଗ୍ରସ୍ତ ପ୍ରଜାମାନେ ଯେପରି ସହଜ ଓ ସରଳ ଉପାୟରେ ସେମାନଙ୍କର ପ୍ରାପ୍ୟ ପାଇପାରିବେ ସେଥିପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରିବାକୁ ପ୍ରସ୍ତାବ ରଖାଗଲା ।

ପ୍ରକଳ୍ପ ନିମିତ୍ତ ଜମି ଅଧିଗ୍ରହଣ ହେତୁ କିଛି ଦୋକାନ ଘର ପ୍ରଭାଭିତ ହେଉଅଛି। ଯେହେତୁ କ୍ଷତିଗ୍ରସ୍ତ ପ୍ରଜାମାନେ ଜୀବିକା ହରାଇବାର ସମ୍ଭାବନା ଅଛି ତେଣୁ ସେମାନଙ୍କୁ ବିକଳ୍ପ ସ୍ଥାନ ରେ ଦୋକାନ ଗୃହ ଯୋଗାଇଦେବା ସହ ଉପଯୁକ୍ତ କ୍ଷତିପୂରଣ ଦିଆଯିବା  ନିମନ୍ତେ ପ୍ରସ୍ତାବ ରଖାଗଲା ।

ପରିଶେଷରେ ବିଶେଷଜ୍ଞ ଦଳ ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ବିବରଣୀକୁ  ଅନୁଧ୍ୟାନ କରି ଏହି ଜମି ଅଧିଗ୍ରହଣରେ ସାମୁହିକ ସ୍ୱାର୍ଥ ଜଡିତ ରହିଛି ବୋଲି ହୃଦବୋଧ କଲେ, କାରଣ ଏହି ପ୍ରକଳ୍ପ ହେବା ଦ୍ୱାରା ଲୋକମାନଙ୍କର ଗମନା ଗମନ ଓ ପରିବହନ ସୁବିଧା ସହିତ ସେମାନଙ୍କର ଜୀବନଧାରଣର ମାନରେ ଉନ୍ନତି ଆସିବ ।

ଶେଷରେ ନୂତନ ଆଇନର ପ୍ରଦତ୍ତ ବ୍ୟବସ୍ଥାକୁ ପର୍ଯ୍ୟାଲୋଚନା କରିବାପରେ ପ୍ରସ୍ତୁତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ରିପୋର୍ଟକୁ ସୁପାରିଶ କରି ଯଥା ଯୋଗ୍ୟ ସରକାରଙ୍କ ନିକଟକୁ ପ୍ରେରଣ କରିବା ପାଇଁ ନିଷ୍ପତ୍ତି ନିଆଗଲା ।

ସଭା ଶେଷରେ ଆବାହକ ସଦସ୍ୟ ତଥା ଭୂ-ଅର୍ଜନ ଅଧିକାରୀ ଉପସ୍ଥିତ ସମସ୍ତ ସଭ୍ୟ ତଥା ଅଧକ୍ଷଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଅଧକ୍ଷ
"ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳ"
ଖୋର୍ଦ୍ଧା

Scanned with CamScanner